# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

1969 TO 2029 REACHING NATIONS ECHO OF HIS CALL SINCE 1969

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVII    YEAR OF OUR LORD JESUS CHRIST, 2026 FEBRUARY    No.12


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୩୪:୧୫-୨୨)

୧୫ ଧାର୍ମିକମାନଙ୍କ ପ୍ରତି ସଦାପ୍ରଭୁଙ୍କର ଦୃଷ୍ଟି ଅଛି ଓ ସେମାନଙ୍କ ଆର୍ତ୍ତନାଦ ପ୍ରତି ତାହାଙ୍କର କର୍ଣ୍ଣ ଅଛି ।

୧୬ ପୃଥିବୀରୁ କୁକର୍ମକାରୀମାନଙ୍କ ସ୍ମରଣ ଉଚ୍ଛିନ୍ନ କରିବା ପାଇଁ ସେମାନଙ୍କ ପ୍ରତିକୂଳରେ ସଦାପ୍ରଭୁଙ୍କ ମୁଖ ଥାଏ ।

୧୭ ଧାର୍ମିକମାନେ କ୍ରନ୍ଦନ କରନ୍ତେ, ସଦାପ୍ରଭୁ ଶୁଣିଲେ ଓ ସେମାନଙ୍କ ସର୍ବସଙ୍କଟରୁ ସେମାନଙ୍କୁ ଉଦ୍ଧାର କଲେ ।

୧୮ ସଦାପ୍ରଭୁ ଭଗ୍ନାନ୍ତଃକରଣମାନଙ୍କର ନିକଟବର୍ତ୍ତୀ ଅଟନ୍ତି ଓ ସେ ଚୂର୍ଣ୍ଣମନାମାନଙ୍କୁ ତ୍ରାଣ କରନ୍ତି ।

୧୯ ଧାର୍ମିକର ବିପଦ ଅନେକ; ମାତ୍ର ସେସବୁରୁ ସଦାପ୍ରଭୁ ତାହାକୁ ଉଦ୍ଧାର କରନ୍ତି ।

୨୦ ସେ ତାହାର ଅସ୍ଥିସକଳ ରକ୍ଷା କରନ୍ତି; ତହିଁ ମଧ୍ୟରୁ ଖଣ୍ଡେ ହେଲେ ଭଗ୍ନ ହୁଏ ନାହିଁ ।

୨୧ ଦୁଷ୍ଟତା ଦୁଷ୍ଟକୁ ସଂହାର କରିବ; ଧାର୍ମିକର ଘୃଣାକାରୀ ଦୋଷୀକୃତ ହେବ ।

୨୨ ସଦାପ୍ରଭୁ ଆପଣା ଦାସଗଣର ପ୍ରାଣ ମୁକ୍ତ କରନ୍ତି; ପୁଣି, ତାହାଙ୍କର ଶରଣାଗତ କେହି ଦୋଷୀକୃତ ହେବେ ନାହିଁ ।

## ଆପଣଙ୍କର ସଂପୂର୍ଣ୍ଣ ସମର୍ପଣ ପ୍ରଚୁର ଆଶୀର୍ବାଦ ଆଣିବ !

## YOUR COMPLETE SURRENDER WILL LEAD TO ABUNDANT BLESSINGS!

ଭଉଣୀ ଆଞ୍ଜେଲ୍





ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ଅଭିବାଦନ ।

ଆପଣ ଏକ ଆଶୀର୍ବାଦପ୍ରାପ୍ତ ଜାନୁୟାରୀ ପାଇଥିବେ ଓ ଏହି ବର୍ଷକୁ ଶକ୍ତିପୂର୍ଣ୍ଣ ଭାବରେ ଆରମ୍ଭ କରିଥିବେ ବୋଲି ବିଶ୍ୱାସ କରି, ମୁଁ ପ୍ରାର୍ଥନା କରୁଅଛି । ଅନେକଙ୍କ ନିମନ୍ତେ ଜାନୁୟାରୀ ଭିନ୍ନ ଭିନ୍ନ ମାର୍ଗରେ ଏକ ଆହ୍ୱାନମୂଳକ ମାସ ହୋଇପାରେ । ଈଶ୍ୱରଙ୍କ ଶାନ୍ତି, ଅନୁଗ୍ରହ ଓ ଶକ୍ତି ସେପରି, ୨୦୨୬ ମଧ୍ୟକୁ ଆପଣଙ୍କ ଯାତ୍ରା ସମୟରେ ଅବ୍ୟାହତ ରହିବ, ଏହା ମୋର ପ୍ରାର୍ଥନା ଅଟେ ।



କୌଣସି ଉତ୍ତମ ଆରମ୍ଭ ଗୁରୁତ୍ୱପୂର୍ଣ୍ଣ ଅଟେ, ମାତ୍ର ଆମେ କିପରି ସଂପୂର୍ଣ୍ଣ କରିବୁ, ତାହା ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ରଭୁ ଯେପରି ଏହି ବର୍ଷକୁ ଫଳପୂର୍ଣ୍ଣ କରିବେ ଓ ଖ୍ରୀଷ୍ଟ ଯୀଶୁରେ ବିଜୟୀ କରିବେ, ଏଥିପାଇଁ ମୁଁ ପ୍ରାର୍ଥନା କରୁଅଛି । ଆପଣଙ୍କ ପାଇଁ ୨୦୨୬ର ଶେଷ ଭାଗଟି ଏହାର ଆରମ୍ଭ ଅପେକ୍ଷା ଅଧିକ ଗୌରବମୟ ଓ ଆଶୀର୍ବାଦ ଯୁକ୍ତ ହେଉ ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)


ଆହ୍ୱାନର ପ୍ରତିଧ୍ୱନିର



ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍, ସାମ୍, ସେଲଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

★ Please Subscribe and Share ★

ECHO OF HIS CALL - (Marching towards 60th year)
Estd. 1969



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr.Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

"...ସଦାପ୍ରଭୁ ତୁମ୍ଭକୁ ମସ୍ତକ କରିବେ,
ଲାଙ୍ଗୁଳ କରିବେ ନାହିଁ" ।
- ଦ୍ୱିତୀୟ ବିବରଣ ୨୮:୧୪

ପ୍ରଭୁରେ ପ୍ରିୟ ବନ୍ଧୁଗଣ,

ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉଅଛୁ ।

ପ୍ରଭୁ ଗତମାସ ଆମର ସମସ୍ତ ସେବାକାର୍ଯ୍ୟ ଉପରେ ଅନୁଗ୍ରହପୂର୍ବକ ଆଶୀର୍ବାଦ କରିଅଛନ୍ତି । ଆମେ ଏହି ମାସ ମଧ୍ୟରେ ପ୍ରବେଶ କରିବା ସମୟରେ, ଆମ ପାଇଁ ଅନେକ ବାହାର ଓ ସ୍ଥାନୀୟ ସେବାକାର୍ଯ୍ୟ ଅପେକ୍ଷା କରି ରହିଅଛି ।



ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ବଡ଼ଦିନ ଉତ୍ସବ

ଆମର ସମ୍ପାଦକ, ଡ.ପି.ଇ.ଆର୍ ପ୍ରେମଚାନ୍ଦ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ଅନୁଷ୍ଠିତ ହୋଇଥିବା ବଡ଼ଦିନ ଉତ୍ସବରେ ବାର୍ତ୍ତା ପ୍ରଦାନ କରିଥିଲେ । ଏହା ସହିତ, ଡିସେମ୍ବର ମାସରେ ଆମେ ନିହିମିୟା ବାଇବଲ କଲେଜର ଛାତ୍ର ଓ ଆମ ମଣ୍ଡଳୀର ବିଶ୍ୱାସୀମାନଙ୍କ ଦ୍ୱାରା ପ୍ରଚାର କାର୍ଯ୍ୟ ସମ୍ପାଦିତ ହୋଇଥିଲା ।

ଗତବର୍ଷ, ଆମେ ଆମର ୟୁ-ଟ୍ୟୁବ୍ ସେବାକାର୍ଯ୍ୟରେ ଉଲ୍ଲେଖଯୋଗ୍ୟ ଅଭିବୃଦ୍ଧି ଦେଖିଥିଲୁ । ସମଗ୍ର ପୃଥିବୀର ଅନେକ ଲୋକ ଏହିସବୁ ବାର୍ତ୍ତା ମାଧ୍ୟମରେ ଆଶୀର୍ବାଦପ୍ରାପ୍ତ ହୋଇଥିଲେ । ଆମେ ଆମର ସେହି କର୍ମଚାରୀମାନଙ୍କ ନିମନ୍ତେ ଆପଣମାନଙ୍କ ପ୍ରାର୍ଥନା ଚାହୁଁଅଛୁ ଯେଉଁମାନେ ଏହି ସେବାକାର୍ଯ୍ୟରେ ବିଶ୍ୱସ୍ତଭାବେ ଜଡ଼ିତ ଅଛନ୍ତି ।



ୟୁ-ଟ୍ୟୁବ୍ ସେବାକାର୍ଯ୍ୟର ଦଳ

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

ଆମ ମଣ୍ଡଳୀରେ ବିଶେଷତଃ ସ୍ଥାନାନ୍ତରିତ ହିନ୍ଦୀଭାଷାଭାଷୀମାନଙ୍କ ନିମନ୍ତେ ଏକ ଅତିରିକ୍ତ ହିନ୍ଦୀ ଉପାସନା କାର୍ଯ୍ୟ ଆରମ୍ଭ କରାଯାଇଛି । ପ୍ରତ୍ୟେକ ବୁଧବାର ସନ୍ଧ୍ୟା ୭ରେ, ହିନ୍ଦୀ ପ୍ରାର୍ଥନା ସଭା ଅନୁଷ୍ଠିତ ହେଉଅଛି ।

ଦୟାକରି ଆପଣମାନଙ୍କ ପ୍ରାର୍ଥନାରେ ଆମର ସେବାକାର୍ଯ୍ୟ ଓ କାର୍ଯ୍ୟାଳୟକୁ ସ୍ମରଣ କରନ୍ତୁ କାରଣ ବିଭିନ୍ନ କଷ୍ଟ ଓ ଆହ୍ୱାନ ସତ୍ତ୍ୱେ, ସେଗୁଡ଼ିକ ସେବା କରିବା ଅବ୍ୟାହତ ରଖିଛନ୍ତି ।

ଆମର ସମସ୍ତ ସେବାକାର୍ଯ୍ୟ ଆପଣମାନଙ୍କର ବହୁମୂଲ୍ୟ ପ୍ରାର୍ଥନା ଓ ଉଦାର ଅର୍ଥ ସହାୟତା ମାଧ୍ୟମରେ ଅଗ୍ରଗତି କରୁଅଛି ।

ଈଶ୍ୱରଙ୍କର ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ସେବକ,
ପାଳକ ଏସ୍.ସାମ୍.ସେଲ୍ଭାରାଜ
E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

**ଜଣେ ଉତ୍ତମ ରାଜା ଭାବେ ଆରମ୍ଭ କରିଥିଲେ, ମାତ୍ର ଉତ୍ତମ ଭାବେ ଶେଷ କରି ନ ଥିଲେ ।**

ଏହି ସତ୍ୟ ମୋତେ ରାଜା ଅମତ୍ସିୟଙ୍କ ବିଷୟ ସ୍ମରଣ କରାଇଦିଏ, ଯିଏ ଶକ୍ତିପୂର୍ଣ୍ଣ ଭାବରେ ନିଜର ଯାତ୍ରା ଆରମ୍ଭ କରିଥିଲେ, ମାତ୍ର ତାଙ୍କର ଶେଷଦଶା ଦୁଃଖଦ ଥିଲା । ଧର୍ମଶାସ୍ତ୍ର ଏହାର କାରଣକୁ ସ୍ପଷ୍ଟଭାବରେ ପ୍ରକାଶ କରିଛି :

"ସେ ସଦାପ୍ରଭୁଙ୍କ ଦୃଷ୍ଟିରେ ଯଥାର୍ଥ କର୍ମ କଲେ, ମାତ୍ର ସିଦ୍ଧ ଅନ୍ତଃକରଣରେ କଲେ ନାହିଁ" (୨ ବଂଶାବଳି ୨୫:୨) ।

## ଅମତ୍ସିୟ କିଏ ଥିଲେ ?

- ଅମତ୍ସିୟ ରାଜା ଯୋୟାଶଙ୍କର ପୁତ୍ର ଥିଲେ । ରାଜା ଯୋୟାଶ ୭ ବର୍ଷ ବୟସରେ ରାଜା ହୋଇଥିଲେ ।
- ସେ ଯିହୁଦାର ନବମ ରାଜା ଥିଲେ ।



ଯିହୁଦାର ନବମ ରାଜା

- ତାଙ୍କର କାହାଣୀ ୨ ରାଜାବଳି ୧୪ ଓ ୨ ବଂଶାବଳି ୨୫ରେ ଲିପିବଦ୍ଧ ଅଛି ।

ବାଇବଲ ଆମକୁ କିଛି ଉଲ୍ଲେଖନୀୟ ବିଷୟ କହିଛି ଓ ତାହା ଗଭୀରଭାବେ ଚିନ୍ତାଜନକ ଅଟେ ।

"ସେ ସଦାପ୍ରଭୁଙ୍କ ଦୃଷ୍ଟିରେ ଯଥାର୍ଥ କର୍ମ କଲେ, ମାତ୍ର ସିଦ୍ଧ ଅନ୍ତଃକରଣରେ କଲେ ନାହିଁ ।"

- ସିଦ୍ଧ ଅନ୍ତଃକରଣରେ ଈଶ୍ୱରଙ୍କ ସେବା ନ କରିବାର ଅର୍ଥ କ'ଣ ?
- ଈଶ୍ୱରଙ୍କ ସାକ୍ଷାତ୍‌ରେ ଯାହା ଠିକ୍, ତାହା କରିବା, ଅଥଚ ସଂପୂର୍ଣ୍ଣଭାବେ ସମର୍ପିତ ନ ହେବା କ'ଣ ସମ୍ଭବ ଅଟେ ?
- ଆମର ହୃଦୟ ବିଭାଜିତ ଥିବାବେଳେ, ଆମେ କ'ଣ କେବଳ ବାହ୍ୟଭାବରେ ଈଶ୍ୱରଙ୍କ ସେବା କରିପାରୁ ?

ଅମତ୍ସିୟ ଧର୍ମଶାସ୍ତ୍ରରେ ଜଣେ ସର୍ବାଧିକ ଦୁଃଖଦ ରାଜା ଅଟନ୍ତି – ସେ ଦୁଷ୍ଟ ଥିବାରୁ ନୁହେଁ, ମାତ୍ର ପ୍ରାୟ ଉତ୍ତମ ଓ ଆଂଶିକଭାବରେ ବାଧ୍ୟ ଓ ଦ୍ୱିମନା ଥିବାରୁ ।

- ସେ ବାଧ୍ୟ ଥିଲେ ।
- ସେ ସତ୍କର୍ମ କରିଥିଲେ ।
- ସେ ଈଶ୍ୱରଙ୍କ ଆଜ୍ଞା ପାଳନ କରିଥିଲେ ।

ତଥାପି, ତାଙ୍କର ହୃଦୟ ସଂପୂର୍ଣ୍ଣଭାବରେ ସମର୍ପିତ ନ ଥିଲା ।

ଏହା ଯେ କେବଳ ଅମତ୍ସିୟଙ୍କ କାହାଣୀ, ତା' ନୁହେଁ – ଏହା ଆଜି ଅନେକ ବିଶ୍ୱାସୀଙ୍କର ମଧ୍ୟ କାହାଣୀ ଅଟେ । ଆମେ ଈଶ୍ୱରଙ୍କୁ ପ୍ରେମ କରୁ । ଆମେ ତାଙ୍କର ଅନୁସରଣ କରୁ । ତଥାପି ଆମ ଜୀବନର ଏପରି କ୍ଷେତ୍ର ସବୁ ଅଛି ଯେଉଁଠାରେ ଆମେ ତାଙ୍କ ପାଇଁ ସୀମା ରଖୁଥାଉ ।

ଆମେ ହୁଏତ :

- ମଣ୍ଡଳୀରେ ଯୋଗ ଦେଉ ।
- ବିଶ୍ୱସ୍ତଭାବରେ ସେବା କରୁ ।
- ଦାନ ଦେଉ ।
- ଅଭାବଗ୍ରସ୍ତମାନଙ୍କୁ ସାହାଯ୍ୟ କରୁ ।
- ଅନେକ କ୍ଷେତ୍ରରେ ବାଧ୍ୟ ହେଉ ।

ମାତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଯାଏ :

ଈଶ୍ୱରଙ୍କ ସାକ୍ଷାତ୍‌ରେ ଆମର ମନ କେଉଁଠାରେ ଥାଏ ?

ମୋର ପିତା ପ୍ରାୟ କହନ୍ତି, "ଆଂଶିକ ବାଧ୍ୟତା ସଂପୂର୍ଣ୍ଣ ଅବାଧ୍ୟତା ଅଟେ" ।

ଏହି ବର୍ଷର ଆରମ୍ଭରେ, ଯଦି ଆମେ ୨୦୨୬କୁ ଉତ୍ତମଭାବେ ସଂପୂର୍ଣ୍ଣ କରିବାକୁ ଚାହୁଁ, ତେବେ ଆମକୁ ଏହି ପ୍ରଶ୍ନ ପଚାରିବାକୁ ହେବ :




# ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତ୍‌ରେ "ଆହ୍ୱାନର ପ୍ରତିଧ୍ୱନି"କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
**10, Mohammed Abdullah 2nd Street, Chepauk, Chennai-600 005, India**
**Cell: (+91) 98412 71858 / 98410 71858 E.mail: sam@echoofhiscall.org**

"ମୁଁ ଯେଉଁ ସଠିକ୍ କାର୍ଯ୍ୟ କରେ, ତାହା ଏକ ବିଶ୍ୱସ୍ତ ହୃଦୟର ସହିତ କରେ କିମ୍ବା ବିଶ୍ୱସ୍ତ ହୃଦୟ ବିନା କରେ ?"

## ଅମତ୍ସିୟଙ୍କ ଜୀବନରୁ ଶିକ୍ଷା

ମୁଁ ଯିହୁଦା ଓ ଇସ୍ରାଏଲର ରାଜାମାନଙ୍କ ଜୀବନ ଉପରେ ଚିନ୍ତା କରିବାକୁ ଭଲପାଏ । ସେମାନଙ୍କର କାହାଣୀ ଆମ ନିଜସ୍ୱ ଜୀବନ ପାଇଁ ଶକ୍ତିପୂର୍ଣ୍ଣ ଶିକ୍ଷା ଓ ଦର୍ପଣ ଯୋଗାଇ ଦିଏ । ଅମତ୍ସିୟ ଉତ୍ତମ ଭାବେ







ଅମତ୍ସିୟ ଉତ୍ତମଭାବେ ଆରମ୍ଭ କରିଥିଲେ, ମାତ୍ର ଉତ୍ତମଭାବେ ଶେଷ କରି ନ ଥିଲେ ।

ଆରମ୍ଭ କରିଥିଲେ ମାତ୍ର ଉତ୍ତମଭାବେ ଶେଷ କରି ନ ଥିଲେ । କିଛି ଭୁଲ୍ ହୋଇ ଯାଇଥିଲା - ଆଉ, ଏହା ଦୁଃଖର ପରିଣାମ ଦିଗକୁ ନେଇଥିଲା ।

## ୧. ପ୍ରତିବଦ୍ଧତା

### ଅମତ୍ସିୟ ଉତ୍ତମଭାବେ ଆରମ୍ଭ କରିଥିଲେ !

(୨ ବଂଶାବଳି ୨୫:୧-୧୦)

"ପୁଣି ଅମତ୍ସିୟ ସଦାପ୍ରଭୁଙ୍କ ଦୃଷ୍ଟିରେ ଯଥାର୍ଥ କର୍ମ କଲେ, ମାତ୍ର ଆପଣା ପୂର୍ବପୁରୁଷ ଦାଉଦଙ୍କ ପରି ନୁହେଁ, ସେ ଆପଣା ପିତା ଯୋୟାଶଙ୍କର କୃତ ସମସ୍ତ କର୍ମାନୁସାରେ କର୍ମ କଲେ" (୨ ରାଜାବଳି ୧୪:୩) ।



ଅମତ୍ସିୟ ... ଦାଉଦଙ୍କ ପରି କର୍ମ କଲେ ନାହିଁ, ସେ ଆପଣା ପିତା ଯୋୟାଶଙ୍କର ଦୃଷ୍ଟାନ୍ତ ଅନୁସରଣ କଲେ ।

ଅମତ୍ସିୟ ଶକ୍ତିପୂର୍ଣ୍ଣ ଭାବରେ ଆରମ୍ଭ କରିଥିଲେ ଓ ଅନେକ କ୍ଷେତ୍ରରେ ବାଧ୍ୟତା ପ୍ରଦର୍ଶନ କରିଥିଲେ ।

### କ. ଈଶ୍ୱରଙ୍କ ପ୍ରତି ବାଧ୍ୟତା ଓ ନ୍ୟାୟ

ଅମତ୍ସିୟ ସିଂହାସନରେ ବସିବା ପରେ, ଯେଉଁମାନେ ତାଙ୍କ ପିତାଙ୍କୁ ହତ୍ୟା କରିଥିଲେ, ସେମାନଙ୍କ ପ୍ରତି ନ୍ୟାୟୋଚିତ କାର୍ଯ୍ୟାନୁଷ୍ଠାନ କରିଥିଲେ । କିନ୍ତୁ, ସେ ଈଶ୍ୱରଙ୍କ ବ୍ୟବସ୍ଥାର ବାଧ୍ୟ ହୋଇ ସେମାନଙ୍କର ସନ୍ତାନମାନଙ୍କୁ ହତ୍ୟା କରି ନ ଥିଲେ ।

"...ପିତୃଗଣ ପାଇଁ ସନ୍ତାନମାନଙ୍କର ପ୍ରାଣ ଦଣ୍ଡ ହେବ ନାହିଁ" (ଦ୍ୱିତୀୟ ବିବରଣ ୨୪:୧୬) ।

ଏଥିପାଇଁ ସାହସ ଆବଶ୍ୟକ ଥିଲା । ସେ ପ୍ରତିଶୋଧ ନେବାକୁ ଭୟ କରିଥିଲେ ଓ ବାଧ୍ୟତାକୁ ମନୋନୀତ କରିଥିଲେ (୨ ରାଜାବଳି ୧୪:୬) । ସେ ରାଣୀ ଅଥଲିୟାଙ୍କ ବିପରୀତରେ (୨ ରାଜା ୧୪:୬) ଚିନ୍ତିତ ସମସ୍ତ ସାମ୍ଭାବ୍ୟ ଉତ୍ତରାଧିକାରୀମାନଙ୍କୁ ହତ୍ୟା କରି ନ ଥିଲେ । ଅମତ୍ସିୟ ଈଶ୍ୱରଙ୍କ ବ୍ୟବସ୍ଥାକୁ ସମ୍ମାନ ଦେଖାଇଥିଲେ । ସେ ଉତ୍ତମଭାବେ ଆରମ୍ଭ କରିଥିଲେ ।

### ଖ. ବ୍ୟକ୍ତିଗତ କ୍ଷତି ସତ୍ତ୍ୱେ ବାଧ୍ୟତା

ଅମତ୍ସିୟ ଇସ୍ରାଏଲରୁ ୧୦୦,୦୦୦ ସୈନ୍ୟ ଭଡ଼ାରେ ଆଣିଥିଲେ । ଏହା ଏକ ବ୍ୟୟବହୁଳ ବିନିଯୋଗ ଥିଲା । ଯେତେବେଳେ ଭାବବାଦୀ ସେମାନଙ୍କ ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦେଲେ, ସେତେବେଳେ ଅମତ୍ସିୟ ଏକ ନିଷ୍କପଟ ପ୍ରଶ୍ନ ପଚାରିଥିଲେ :



"ମୁଁ ଯେଉଁ ଏକଶତ ତାଳନ୍ତ ରୂପା ଦେଇଅଛି, ତହିଁ ପାଇଁ ଆମ୍ଭେମାନେ କଅଣ କରିବା ?"

"ମାତ୍ର ମୁଁ ଯେଉଁ ... ଏକଶତ ତାଳନ୍ତ ରୂପା ଦେଇଅଛି, ତହିଁ ପାଇଁ ଆମ୍ଭେମାନେ କଅଣ କରିବା ?"... (୨ ବଂଶାବଳି ୨୫:୯) ।

ଭାବବାଦୀ ଉତ୍ତର ଦେଇଥିଲେ :

"ସଦାପ୍ରଭୁ ତୁମ୍ଭକୁ ତହିଁରୁ ଅତି ଅଧିକ ଦେବାକୁ ସମର୍ଥ ଅଟନ୍ତି" (୨ ବଂଶାବଳି ୨୫:୯) ।

ଯଦିଓ ବାଧ୍ୟତା ବିନିମୟରେ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିଥିଲା, ତଥାପି ଅମତ୍ସିୟ ବାଧ୍ୟ ହୋଇଥିଲେ । ସେ ସୈନ୍ୟମାନଙ୍କୁ ସେମାନଙ୍କ ଗୃହକୁ ପଠାଇ ଦେଇଥିଲେ ଓ ଈଶ୍ୱରଙ୍କୁ ବିଶ୍ୱାସ କରିଥିଲେ ।

ବାଧ୍ୟତାରେ ସର୍ବଦା ବହୁମୂଲ୍ୟ ଦେବାକୁ ହୁଏ - ମାତ୍ର ଅବାଧ୍ୟତା ପାଇଁ ବହୁଗୁଣରେ ଅଧିକ ମୂଲ୍ୟ ଦେବାକୁ ହୁଏ ।

ଏହି ସ୍ଥାନରେ, ଅମତ୍ସିୟ ଜଣେ ଧାର୍ମିକ ରାଜା ଭଳି ଦେଖାଯାଇଥିଲେ ଓ ଈଶ୍ୱର ତାଙ୍କୁ ସମ୍ମାନିତ କରିଥିଲେ ।

(ପରବର୍ତ୍ତୀ ଅଂଶ ୬ଷ୍ଠ ପୃଷ୍ଠାରେ)

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

କଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୬ ଫେବୃୟାରୀ ୧୯ ରୁ ମାର୍ଚ୍ଚ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଫେବୃୟାରୀ ୧୯ ⇨ ସେହି ଚମତ୍କାର ଗଣମାଧ୍ୟମ ଦଳ ଯେଉଁମାନେ ଆମର ''ଆହ୍ୱାନର ପ୍ରତିଧ୍ୱନି'' ୟୁ-ଟ୍ୟୁବ ଚ୍ୟାନେଲର ବେତାର ପ୍ରସାରଣରେ ଆମକୁ ସାହାଯ୍ୟ କରୁଛନ୍ତି ।

ଫେବୃୟାରୀ ୨୦ ⇨ ଆମର ସାଥୀମାନଙ୍କର ନୈତିକ ଓ ଅର୍ଥନୈତିକ ସହାୟତା ଦ୍ୱାରା ଆମକୁ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨୧ ⇨ ଆମର ୨୦୨୬ ମାସିକ କ୍ୟାଲେଣ୍ଡର ଓ ପ୍ରତିଜ୍ଞା କାର୍ଡ଼ ଛାପିବାରେ ଓ ପ୍ରେରଣ କରିବାରେ ଆମକୁ ଅନୁଗ୍ରହ ଦେଇଥିବାରୁ ।

ଫେବୃୟାରୀ ୨୨ ⇨ ନିହିମିୟା ବାଇବଲ କଲେଜ ଓ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲଠାରେ ବିଶେଷ ବଡ଼ଦିନ ଓ ନୂତନ ବର୍ଷ କାର୍ଯ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨୩ ⇨ ଆମର ସମସ୍ତ ମଣ୍ଡଳୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଯୁବାମାନଙ୍କୁ ଉସାହ ପ୍ରଦାନ କରିଥିବାରୁ ।

ଫେବୃୟାରୀ ୨୪ ⇨ ଅପହଞ୍ଚ ଓ ବହୁଭାଷାବାଦୀ ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଆମର ଗଣମାଧ୍ୟମ ସେବାକାର୍ଯ୍ୟ ଓ 'ଆହ୍ୱାନର ପ୍ରତିଧ୍ୱନି' ୟୁ-ଟ୍ୟୁବ ଚ୍ୟାନେଲ ଉପରେ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨୫ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକ ପ୍ରତି ଦୟା କରିଥିବାରୁ ।

ଫେବୃୟାରୀ ୨୬ ⇨ ଅଧିକ ସୁସଂଗଠିତ ମାର୍ଗରେ କାର୍ଯ୍ୟ କରିବା ପାଇଁ ଆମର ମଣ୍ଡଳୀ ସେବାକାର୍ଯ୍ୟକୁ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨୭ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦଶକ୍ତିରୁ ସୁରକ୍ଷା ଦେଇଥିବାରୁ ।

ଫେବୃୟାରୀ ୨୮ ⇨ ଆମର ''ଆହ୍ୱାନର ପ୍ରତିଧ୍ୱନି'' କର୍ମଚାରୀ ଓ ସେମାନଙ୍କର ପରିବାରଗୁଡ଼ିକୁ ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱର୍ଗୀୟ ସୁରକ୍ଷା ଦେଇଥିବାରୁ ।

ମାର୍ଚ୍ଚ ୧ ⇨ ଆମର ବାଇବଲ କରେସପଣ୍ଡେସ୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ କରେସପଣ୍ଡେସ୍ ପାଠ୍ୟକ୍ରମର ଅଭିବୃଦ୍ଧି ନିମନ୍ତେ ।

ମାର୍ଚ୍ଚ ୨ ⇨ ଈଶ୍ୱରଙ୍କ ବାକ୍ୟର ଶକ୍ତି ଆମର ମୁଖ୍ୟ ଉପାସନାଳୟ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଅନୁଷ୍ଠିତ ହେଉଥିବା ଆମର ରବିବାର ଉପାସନା ସଭାଗୁଡ଼ିକରେ ପ୍ରକାଶିତ ହେଉଥିବାରୁ ।

ମାର୍ଚ୍ଚ ୩ ⇨ ଆମ ଛାପାକଳରେ ୧୬ଟି ଭାଷାରେ ମୁଦ୍ରିତ ହୋଇ ପ୍ରକାଶ ପାଉଥିବା ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ହେଉଥିବା ୧୬ଟି ଭାଷାର ପତ୍ରିକା ଉପରେ ଆଶୀର୍ବାଦ କରିଥିବାରୁ ।

ମାର୍ଚ୍ଚ ୪ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଅଧକ୍ଷ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କୁ ଆଶୀର୍ବାଦ କରିଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ମାର୍ଚ୍ଚ ୫ ⇨ ଖ୍ରୀଷ୍ଟିଆନ ପ୍ରଚାରକମାନେ ଯେପରି ବଡ଼ା ନିଷ୍ଠାରେ ଈଶ୍ୱରଙ୍କ ବାକ୍ୟକୁ ସଠିକ୍ ଭାବରେ ପ୍ରଚାର କରିବେ ।

ମାର୍ଚ୍ଚ ୬ ⇨ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ଆମର ଆବାସିକ ଓ ସାଂଧ ନିହିମିୟା ବାଇବଲ କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆତ୍ମନିୟନ୍ତ୍ରଣ ନିମନ୍ତେ ।

ମାର୍ଚ୍ଚ ୭ ⇨ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ନୂତନ ଛାତ୍ରମାନଙ୍କର ଆତ୍ମନିୟନ୍ତ୍ରଣ ନିମନ୍ତେ ।

ମାର୍ଚ୍ଚ ୮ ⇨ ଦେଶର ସମସ୍ତ ପିଲା ଓ ଯୁବାମାନେ ଯେପରି ଯୀଶୁଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତାଭାବରେ ଗ୍ରହଣ କରିବେ ।

ମାର୍ଚ୍ଚ ୯ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାର ସଦସ୍ୟମାନଙ୍କ ନିମନ୍ତେ ।

ମାର୍ଚ୍ଚ ୧୦ ⇨ ବୃଦ୍ଧାଶ୍ରମଗୁଡ଼ିକରେ ଥିବା ବୃଦ୍ଧ ବୃଦ୍ଧାମାନଙ୍କର ସ୍ୱାସ୍ଥ୍ୟ ଓ ଶାନ୍ତି ନିମନ୍ତେ ।

ମାର୍ଚ୍ଚ ୧୧ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ୧୦ମ ଶ୍ରେଣୀର ଛାତ୍ରମାନେ ଯେପରି ସେମାନଙ୍କର ଶେଷ ପରୀକ୍ଷାରେ ଅତି ଉତ୍ତମ ଫଳ ପ୍ରାପ୍ତ ହେବେ ।

ମାର୍ଚ୍ଚ ୧୨ ⇨ ଆମର 'ଆହ୍ୱାନର ପ୍ରତିଧ୍ୱନି' ୟୁ-ଟ୍ୟୁବ୍ ବାର୍ତ୍ତା ଯେପରି ସୁସମାଚାର ଜାଣି ନ ଥିବା ଲୋକମାନଙ୍କ ନିକଟରେ ପହଞ୍ଚିବ ।

ମାର୍ଚ୍ଚ ୧୩ ⇨ ଆମର ନିହିମିୟା ବାଇବଲ କଲେଜର ଛାତ୍ରମାନେ ଯେପରି ସଫଳଭାବେ ସେମାନଙ୍କର ସ୍ନାତକ ଶେଷ କରିବେ ।

ମାର୍ଚ୍ଚ ୧୪ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକ ଯେପରି ଉନ୍ନତି କରିବେ ।

ମାର୍ଚ୍ଚ ୧୫ ⇨ ପୃଥିବୀର ଦେଶଗୁଡ଼ିକ ଯେପରି ଯୁଦ୍ଧରୁ ସୁରକ୍ଷା ପାଇବେ ।

ମାର୍ଚ୍ଚ ୧୬ ⇨ ସମଗ୍ର ପୃଥିବୀର ସମସ୍ତ ମିଶନେରୀଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ମାର୍ଚ୍ଚ ୧୭ ⇨ ସମସ୍ତ ଦେଶ ଓ ସେଗୁଡ଼ିକର ଅର୍ଥନୈତିକ ବିକାଶ ନିମନ୍ତେ ।

ମାର୍ଚ୍ଚ ୧୮ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ଯେପରି ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସୁରକ୍ଷିତ ରହିବେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)



ଅମତ୍ସିୟ ସୈନ୍ୟମାନଙ୍କୁ ସେମାନଙ୍କ ଗୃହକୁ ପଠାଇ ଦେଲେ ।

ସେ ଯଥାର୍ଥ କର୍ମ କରିଥିଲେ ... ମାତ୍ର ଏକ ସିଦ୍ଧ ଅନ୍ତଃକରଣ ସହିତ ତାହା କରି ନ ଥିଲେ ।

ଅମତ୍ସିୟ ଦୁଷ୍ଟ କିମ୍ବା ବିଦ୍ରୋହୀ ନ ଥିଲେ ।

## ଗ. ସଂପୂର୍ଣ୍ଣ ସମର୍ପଣ ବିନା ପ୍ରତିବଦ୍ଧତା

ସେ ନିଜ ଧାର୍ମିକ ପିତା, ଯୋୟାଶଙ୍କର ଅନୁସରଣ କରିଥିଲେ । ମାତ୍ର ସେହି ଦାଉଦଙ୍କ ସଦୃଶ ନ ଥିଲେ,



'ସାଲେମ୍'ର ଅର୍ଥ ସଂପୂର୍ଣ୍ଣ ସମର୍ପଣ

ଯିଏ ସଂପୂର୍ଣ୍ଣ ହୃଦୟର ସହିତ ଈଶ୍ୱରଙ୍କର ସେବା କରିଥିଲେ ।

ସେ ଉତ୍ତମଭାବେ ଆରମ୍ଭ କରିଥିଲେ ମାତ୍ର ଈଶ୍ୱର ଉତ୍ତମଭାବେ ଆରମ୍ଭ କରୁଥିବା ଲୋକମାନଙ୍କୁ ନୁହେଁ, ମାତ୍ର ଉତ୍ତମଭାବେ ସଂପୂର୍ଣ୍ଣ କରୁଥିବା ଲୋକମାନଙ୍କୁ ଅନ୍ୱେଷଣ କରୁଥାଆନ୍ତି । ଅମତ୍ସିୟ ଯଥାର୍ଥ କାର୍ଯ୍ୟ କରିଥିଲେ, ମାତ୍ର ଗୋଟିଏ ବିଶ୍ୱସ୍ତ ହୃଦୟର ସହିତ ତାହା କରୁ ନ ଥିଲେ ।

ହିବ୍ରୁ ଶବ୍ଦ ''ସାଲେମ୍''ର ଅର୍ଥ ହେଉଛି ସମଗ୍ର, ସଂପୂର୍ଣ୍ଣ, ଅବିଭାଜିତ, ସଂପୂର୍ଣ୍ଣଭାବରେ ସମର୍ପିତ ହେବା ।

ଆଂଶିକ ବାଧ୍ୟତା ଅମତ୍ସିୟଙ୍କ ସମସ୍ୟା ଥିଲା । ସେ ଈଶ୍ୱରଙ୍କୁ ବାହ୍ୟଭାବରେ ଅନୁସରଣ କରୁଥିଲେ ମାତ୍ର ତାଙ୍କ ହୃଦୟର ହେତୁଗୁଡ଼ିକୁ ଅଣ୍ଦେଖା କରୁଥିଲେ ।

ପ୍ରିୟ ଭାଇ ଓ ଭଉଣୀମାନେ, ନିମ୍ନଲିଖିତ କାର୍ଯ୍ୟ କରିବା - ଯଥା -

- ଦଶମାଂଶ ଦେବା
- ବିଶ୍ୱସ୍ତଭାବରେ ସେବା କରିବା
- ନୈତିକଭାବେ ଜୀବନ କାଟିବା -

ଅଥଚ, ଗର୍ବ, କ୍ଷମାହୀନ ମନୋଭାବ, ଲାଳସା, ପରଚର୍ଚ୍ଚା, ଗୁପ୍ତ ପାପ, କିମ୍ବା ଆତ୍ମ-ନିୟନ୍ତ୍ରଣ, ଇତ୍ୟାଦିକୁ ଧରି ରଖିବା ସମ୍ଭବ ଅଟେ ।

ଆନ୍ତରିକ ସମର୍ପଣ ବିନା ବାହ୍ୟ ବାଧ୍ୟତା ଆତ୍ମିକ ଶୂନ୍ୟତା ଦିଗକୁ କଢ଼ାଇ ନିଏ । ଜଣେ ବ୍ୟକ୍ତି ଗଭୀରଭାବେ ରୋପିତ ହେବା ଓ ଉର୍ଦ୍ଧ୍ୱକୁ ଫଳ ଧାରଣ କରିବା ଉଚିତ୍ ।



ଜଣେ ଗଭୀରଭାବେ ରୋପିତ ହେବା ଓ ଉର୍ଦ୍ଧ୍ୱକୁ ଫଳ ଧାରଣ କରିବା ଉଚିତ୍ ।

## ଘ. ଚୁକ୍ତାମଣା

ଯାହାକୁ ସେ ଅନୁମତି ଦେଇଥିଲେ, ତାହା ଶେଷରେ ତାଙ୍କୁ ବିନଷ୍ଟ କରିଥିଲା ।

୨ ବଂଶାବଳି ୨୫:୧୧-୧୬

''ତଥାପି ଉଚ୍ଚସ୍ଥଳୀମାନ ଦୂରୀକୃତ ହେଲା ନାହିଁ...'' (୨ ରାଜାବଳି ୧୪:୪) ।

ଯାହା ବିନଷ୍ଟ ହେବା ଉଚିତ୍ ଥିଲା, ତାହାକୁ ଅମତ୍ସିୟ ସହ୍ୟ କରିଥିଲେ ।

ଚୁକ୍ତାମଣା ସର୍ବଦା ଛୋଟରୁ ଆରମ୍ଭ ହୁଏ - ମାତ୍ର ଆଜି ଆମେ ଯାହା ସହ୍ୟ କରୁ, ତାହା ଆସନ୍ତା କାଲି ଆମକୁ ଅଧୀନସ୍ଥ କରିବ ।

## ଙ. ବିଜୟ ପରେ ଗର୍ବ



ଅମତ୍ସିୟ ଦେବତାମାନଙ୍କୁ ଆଣି ସେମାନଙ୍କୁ ପୂଜା କଲେ ।

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
ଯୋଗ୍ୟତା : ୧୦ମ ଓ ତଦୂର୍ଦ୍ଧ୍ୱ
ECHO OF HIS CALL
Chepauk & Santhoshapuram, Velachery Chennai.
ଥିଓଲୋଜିରେ ଡିପ୍ଲୋମା & Bachelor of Theology
ମାଧ୍ୟମ - ହିନ୍ଦୀ (Residential) Sponsorship Available
ମାଧ୍ୟମ - ତାମିଲ (Part Time)
ଆଡ୍ମିଶନ ପାଇଁ ଶୀଘ୍ର ଆସନ୍ତୁ ।
ବିଗତ ୫୬ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
* ONLINE CLASSES ARE AVAILABLE *

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୩. ବାଇବଲ କୋର – ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ ) ।
୪. ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ୍, ସତୋଷପୁରମ ଓ ଭେଲାଚେରୀ) ।
୬. ଶାଖା ମଣ୍ଡଳୀ ସମୂହ : ସତୋଷପୁରମ, ବାଲାଜୀନଗର ଓ ଭେଲାଚେରୀ ।
୭. ମହାଆବେଶ ସାଥୀଗଣ (ପାଳକମାନେ) ।
୮. ବାଳିକା କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୯. ସୁସମାଚାର ଅଭିଯାନ ।
୧୦. ସାହିତ୍ୟ ସେବା ଓ ବଣ୍ଟନ ।
୧୧. ସୁସମାଚାର ଛାପା କଳ – ପ୍ରକାଶନ ।
୧୨. ସେଣ୍ଟପଲସ୍ ମାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୩. ସଣ୍ଡେସ୍କୁଲ (ଚେପକ) – ରବିବାର ସକାଳ ଘ. ୧୦.୩୦ ଓ (ଭେଲାଚେରୀ, ବାଲାଜୀନଗର ଓ ସତୋଷପୁରମ) ରବିବାର ଅପରାହ୍ଣ ୩.୦୦ ଘଟିକା ।
୧୪. ପ୍ରାତଃ ଉପାସନା – ରବିବାର ସକାଳ ୫.୩୦ ।
୧୫. ପ୍ରାଥମିକ ସଭା – ରବିବାର ସକାଳ ଘ. ୮.୦୦ ।
୧୬. ତାମିଲ ଉପାସନା – ରବିବାର ସକାଳ ଘ. ୮.୩୦ ।
୧୭. ଯୁବ ସଭା – ରବିବାର ପୂର୍ବାହ୍ଣ ଘ. ୧୧.୦୦ ।
୧୮. ସହଭାଗିତା ମଧ୍ୟାହ୍ନ ଭୋଜନ – ରବିବାର ଅପରାହ୍ଣ ଘ. ୧.୦୦ ।
୧୯. ତେଲୁଗୁ ଉପାସନା – ରବିବାର ଅପରାହ୍ଣ ଘ. ୪.୦୦ ।
୨୦. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୨୧. ତାମିଲ ଓ ଇଂରାଜୀ ଉପାସନା – ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୨୨. ଉପଦେଶ ପ୍ରଦାନର ସମୟ – ରବିବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୩. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୪. ହିନ୍ଦୀ ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ. ୭.୦୦ ଘଟିକା ।
୨୫. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୬. ଶିଷ୍ୟତ୍ୱ ସଭା – ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୭. ଗୃହ ସଭା – ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୮. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ରବିବାର ସକାଳ ୬.୦୦ ଘଟିକା ।
୨୯. ସେବକମାନଙ୍କର ସଭା – ପ୍ରଥମ ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୩୦. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୩୧. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ରି) ।
୩୨. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୩. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୪. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା – ପ୍ରତିଦିନ ରାତ୍ରି ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୫. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୬. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ରି ୯.୦୦ (ରବିବାର ବ୍ୟତୀତ) ।

## ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ ପାଠ୍ୟକ୍ରମ
### କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ କରେସ୍ ପଣ୍ଡେନ୍ସ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେନ୍ସ ପାଠ୍ୟକ୍ରମ ସ୍ନାତକ ସ୍ତରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

*For more details, write to us.*

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.

**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

### ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ "ଆହ୍ୱାନର ପ୍ରତିଧ୍ୱନି" ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାର କାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*“ଯେ ପାଠ କରେ, ସେ ବୁଝୁ” (ମାଥିଉ ୨୪:୧୫)*

## ସଦାପ୍ରଭୁ ମୋର ଦୀନାବସ୍ଥାକୁ ବିଚାର କରିଥିଲେ !

ଆମ୍ଭମାନଙ୍କ ହୀନାବସ୍ଥା ସମୟରେ ଆମ୍ଭମାନଙ୍କୁ ସ୍ମରଣ କଲେ ସେ; କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।

ମୋର ସେବାକାର୍ଯ୍ୟର ଆଦ୍ୟ ଦିନଗୁଡ଼ିକରେ, ମୁଁ କିଛିଦିନ ପାଇଁ ବିଦେଶରେ ମୋର ଜଣେ ବନ୍ଧୁଙ୍କ ଗୃହରେ ରହିଥିଲି । ସେମାନେ ମୋର ସମସ୍ତ ମୌଳିକ ଆବଶ୍ୟକତା ଯୋଗାଇଥିଲେ ଓ ସେଠାରେ ମୋହର ରହଣିକୁ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ କରିଥିଲେ ।

ଦିନେ ସନ୍ଧ୍ୟାରେ, ମୋର ସେହି ଗୃହକର୍ତ୍ତା, ବନ୍ଧୁ ମୋର କୋଠରୀ ମଧ୍ୟରେ ପ୍ରବେଶ କରି କହିଥିଲେ, “ମୁଁ ଏହା ଅନୁଭବ କରୁଛି ଯେ ଆପଣ କିଛି ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି । ମୁଁ ଏ ବିଷୟରେ ଜାଣିପାରିବି କି ? ଆପଣ ଏ ବିଷୟରେ ମୋତେ ବୁଝାଇ ଦେବେ କି ?” ମୁଁ ଉତ୍ତର ଦେଇଥିଲି, “ଆମେ ଆମର ପତ୍ରିକା “ଆହ୍ୱାନର ପ୍ରତିଧ୍ୱନି”କୁ ଅନ୍ୟ ଛାପାକଳଗୁଡ଼ିକରେ ଛାପୁଅଛୁ । ଏହାକୁ ଠିକ୍ ସମୟରେ ପ୍ରକାଶ କରିବାରେ ଆମକୁ କଷ୍ଟ ହେଉଥିବାରୁ, ମୁଁ ଗୋଟିଏ ଅଫ୍‌ସେଟ ପ୍ରିଣ୍ଟିଂମେସିନ ପାଇଁ ଅତି ଭାରଗ୍ରସ୍ତ ହୋଇ ପ୍ରାର୍ଥନା କରୁଅଛି ।” ସେ ମଧ୍ୟ ସେହି ଆବଶ୍ୟକତା ନିମନ୍ତେ ପ୍ରାର୍ଥନା କରିବେ ବୋଲି କହିଥିଲେ ।

ପରବର୍ତ୍ତୀ ଦିନ, ମୁଁ ସେବାକାର୍ଯ୍ୟ ନିମନ୍ତେ ଗୃହରୁ ବାହାରିବା ସମୟରେ, ମୋର ବନ୍ଧୁ ଓ ତାଙ୍କର ପତ୍ନୀ ମୋ' ନିକଟକୁ ଆସିଲେ । ସେମାନେ ମୋତେ ସେହି ଦଲିଲଗୁଡ଼ିକ ଦେଖାଇଲେ ଯାହା ମଧ୍ୟରେ ସେମାନଙ୍କର ଦରଖାସ୍ତ ଓ ବ୍ୟାଙ୍କର ଗୋଟିଏ ଘୋଷଣା ଥିଲା । ସେମାନେ ଗୋଟିଏ ବଡ଼ ପରିମାଣର ଅର୍ଥ ପାଇବା ପାଇଁ ସେମାନଙ୍କର ଗୃହକୁ ବନ୍ଧକ ରଖିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ । ପୁଣି ସେହି ଅର୍ଥରୁ, ସେମାନେ “ଆହ୍ୱାନର ପ୍ରତିଧ୍ୱନି” ସେବାକାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପ୍ରିଣ୍ଟିଂ ମେସିନ୍ କିଣିବା ପାଇଁ ଇଚ୍ଛା କରିଥିଲେ ।

ମୁଁ ଆଶ୍ଚର୍ଯ୍ୟାନ୍ୱିତ ହେଲି ଓ ମୋ' ଆତ୍ମାରେ ବିଚଳିତ ହୋଇ ସେମାନଙ୍କୁ ଦୃଢ଼ ଭାବରେ କହିଲି, “ମୁଁ ଆପଣଙ୍କଠାରୁ ସେହି ଅର୍ଥ ନେବି ନାହିଁ କାରଣ ଆପଣ ବ୍ୟାଙ୍କରୁ ଋଣ ଆକାରରେ ସେହି ଟଙ୍କା ଆଣୁଛନ୍ତି ।”

ସେହି ପରିବାର ମୋର ଆଚରଣରେ ଚକିତ ହେଲେ । ସେମାନେ ମୋତେ ଏହି ନାମ ଦେଲେ, “ଆପଣ ଏପରି ବ୍ୟକ୍ତି ଯିଏ ଜଗତରେ ବଞ୍ଚିବା ଜାଣନ୍ତି ନାହିଁ ।” ସେମାନେ ସେହି ପ୍ରସ୍ତାବକୁ ଗ୍ରହଣ କରିବା ପାଇଁ ମୋତେ ପ୍ରରୋଚିତ କରିବାରେ ଲାଗିଲେ । ମାତ୍ର ମୁଁ ମୋ' ନିଷ୍ପତ୍ତିରେ ଦୃଢ଼ ରହି ପ୍ରାର୍ଥନା କରିବାରେ ଲାଗିଥିଲି ।

କିଛି ଦିନ ପରେ, ମୁଁ ଭାରତକୁ ଫେରି ଆସିଲି । ପ୍ରଭୁ ମୋର ଦରିଦ୍ର ଭାରତୀୟ ବନ୍ଧୁମାନଙ୍କର ହୃଦୟରେ ପ୍ରେରଣା ଦେଇଥିଲେ ଓ ମଝି ମଝିରେ, ସେମାନେ ଦେଇଥିବା ଦାନଗୁଡ଼ିକ ଦ୍ୱାରା, ମୁଁ ଗୋଟିଏ ଉତ୍ତମ ଅଫସେଟ ମେସିନ୍ କିଣିବା ପାଇଁ ସମର୍ଥ ହୋଇଥିଲି ।

ପ୍ରଭୁ ଯେ ମଙ୍ଗଳମୟ, ଏହାର ମୁଁ ଅନୁଭୂତି ପାଇଥିଲି ଓ ସ୍ୱାଦ ଚାଖିଥିଲି (ଗୀତସଂହିତା ୩୪:୮) । ହିତୋପଦେଶ ୨୮:୨୦ ଅନୁସାରେ, ସଦାପ୍ରଭୁଙ୍କର ଅନୁଗ୍ରହ ମୋତେ ଧରି ରଖିଥିଲା – “ବିଶ୍ୱସ୍ତ ଲୋକ ଆଶୀର୍ବାଦରେ ବର୍ଦ୍ଧିଷ୍ଣୁ ହେବ ।”

ଯଦିଓ “ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ”ର କୌଣସି ନିୟମିତ, ନିର୍ଦ୍ଦିଷ୍ଟ ଆୟ ନାହିଁ, ତଥାପି ପ୍ରଭୁ ତାଙ୍କଠାରେ ଆମର ବିଶ୍ୱାସ ମାଧ୍ୟମରେ ସମସ୍ତ ଆବଶ୍ୟକତା ପୂରଣ କରନ୍ତି । ଈଶ୍ୱରଙ୍କ ପ୍ରତି ସମସ୍ତ ପ୍ରଶଂସା ଓ ଗୌରବ ହେଉ । ଆମେନ୍ ।

---

(୬ଷ ପୃଷ୍ଠାର ଅବଶିଷ୍ଟାଂଶ)

“ଅମତ୍‌ସିୟ ଇଦୋମୀୟମାନଙ୍କୁ ସଂହାର କରି ଫେରି ଆସିଲା ଉତ୍ତାରେ ... ଦେବଗଣଙ୍କୁ ଆଣି ... ସେମାନଙ୍କ ସମ୍ମୁଖରେ ପ୍ରଣାମ କରି ସେମାନଙ୍କ ଉଦ୍ଦେଶ୍ୟରେ ଧୂପ ଜ୍ୱଳାଇଲେ” (୨ ବଂଶାବଳି ୨୫:୧୪) ।

ଏ ବିଷୟରେ ଚିନ୍ତା କରନ୍ତୁ :

ଈଶ୍ୱର ତାଙ୍କୁ ବିଜୟ ପ୍ରଦାନ କରିଥିଲେ

- ଗର୍ବ ପ୍ରବେଶ କରିଥିଲା
- ଅନ୍ତର୍ଦୃଷ୍ଟି ଚାଲିଯାଇଥିଲା
- ଏହାପରେ ବୁଝାମଣା ଆସିଥିଲା ।

ସେ ପରାଜିତ ଲୋକମାନଙ୍କର ଦେବତା ନିକଟରେ ଅବନତ ହୋଇଥିଲେ । ପ୍ରତାରଣାତ୍ମକ ପାପ ଏହି ପ୍ରକାର ହୋଇପାରେ ।

### ସଂଶୋଧନର ପ୍ରତ୍ୟାଖ୍ୟାନ

ପୂର୍ବରୁ, ଅମତ୍‌ସିୟ ସଂଶୋଧନକୁ ଗ୍ରହଣ କରୁଥିଲେ । ବର୍ତ୍ତମାନ ଗର୍ବରେ ପରିପୂର୍ଣ୍ଣ ହୋଇ, ସେ ଏହାକୁ ଅଗ୍ରାହ୍ୟ କରିଥିଲେ ।

“... ଯେଉଁ ଦେବଗଣ ଆପଣା ଲୋକମାନଙ୍କୁ ଆପଣଙ୍କ ହସ୍ତରୁ ଉଦ୍ଧାର କଲେ ନାହିଁ, ଆପଣ କି ହେତୁ ସେହି ଲୋକମାନଙ୍କ ଦେବଗଣର ଅନ୍ୱେଷଣ କରୁଅଛନ୍ତି ?” (୨ ବଂଶାବଳି ୨୫:୧୫) ।

ଅମତ୍‌ସିୟ ଗର୍ବର ସହିତ ଉତ୍ତର ଦେଇଥିଲେ, “ଆମ୍ଭେମାନେ କଅଣ ତୁମ୍ଭକୁ ରାଜମନ୍ତ୍ରୀ କରିଅଛୁ ?” (୨ ବଂଶାବଳି ୨୫:୧୬) ।

ତାଙ୍କ ଆଚରଣରେ କିପରି ଏକ ଭିନ୍ନତା ଥିଲା ! ଆମେ ଯେଉଁ ମୁହୂର୍ତ୍ତରେ ଈଶ୍ୱରଙ୍କ ସଂଶୋଧନକୁ ଶୁଣିବା ବନ୍ଦ କରିଦେଉ, ସେହି ମୁହୂର୍ତ୍ତରେ, ଆମେ ବିନାଶ ଦିଗକୁ ଆମର ଅବତରଣ ଆରମ୍ଭ ହୁଏ ।

ସେ ଯେତେବେଳେ ବାଧ୍ୟ ହୋଇଥିଲେ ସେତେବେଳେ ଏହା ସୁବିଧାଜନକ ଥିଲା । ମାତ୍ର ଯେତେବେଳେ ବାଧ୍ୟତା ଅସୁବିଧାଜନକ ହେଲା, ସେତେବେଳେ ସେ ଏହାକୁ ଅଗ୍ରାହ୍ୟ କରିଥିଲେ । ପ୍ରଥମରେ ପାପ ଆମକୁ ବିନଷ୍ଟ କରେ ନାହିଁ – ଈଶ୍ୱରଙ୍କ ସଂଶୋଧନକୁ ଗ୍ରହଣ କରିବା ପାଇଁ ଅସମ୍ମତ ହେବା

ଦ୍ୱାରା ଆମେ ବିନଷ୍ଟ ହେଉ । ଏହି ବର୍ଷ ପାଇଁ ମୋର ପ୍ରାର୍ଥନା ଏହା ଅଟେ ଯେପରି ଈଶ୍ୱର ପ୍ରତ୍ୟେକ ପଦକ୍ଷେପରେ ତାଙ୍କର ସ୍ୱର ଶୁଣିବାରେ ଓ ତାଙ୍କ ମାର୍ଗରେ ବିଶ୍ୱସ୍ତଭାବରେ ଚାଲିବାରେ ଆମକୁ ସାହାଯ୍ୟ କରିବେ ।

"ପୁଣି, ଦକ୍ଷିଣରେ କି ବାମରେ ଫେରିବା ବେଳେ ତୁମ୍ଭର କର୍ଣ୍ଣ ତୁମ୍ଭ ପଛ ଆଡୁ ଏହି କଥା ଶୁଣିବ, ପଥ ଏହି, ଏଥିରେ ହିଁ ତୁମ୍ଭେମାନେ ଗମନ କର" (ଯିଶାଇୟ ୩୦:୨୧) ।

ସର୍ବୋପରି, ଆମକୁ ସେହି ଡାକନାହାରଙ୍କ ସ୍ୱର ପ୍ରତି ସଂପୂର୍ଣ୍ଣ ଭାବରେ ସମର୍ପିତ ହେବା ଓ ତାହାର ବାଧ୍ୟ ହେବା ଶିକ୍ଷା କରିବାକୁ ହେବ ।

## ଘ. କ୍ଷୁଦ୍ରାମଣା ଗର୍ବ, ବିଦ୍ରୋହ ଓ ଅନ୍ଧତା ଦିଗକୁ କଢ଼ାଇ ନେଇଥିଲା ।

କ୍ଷୁଦ୍ରାମଣା ଏକ ବିପଜ୍ଜନକ ଶୃଙ୍ଖଳ ପ୍ରତିକ୍ରିୟା ଉତ୍ପନ୍ନ କରେ :

- ଗର୍ବ
- ମୂର୍ତ୍ତିପୂଜା
- ପରାମର୍ଶକୁ ଅଗ୍ରାହ୍ୟ
- ଆତ୍ମ-ନିର୍ଭରଶୀଳ
- ସତର୍କବାଣୀକୁ ଅବଜ୍ଞା କରିବା
- ମୂର୍ଖ ସଦୃଶ ନିଷ୍ପତ୍ତି ନେବା ।

ସମର୍ପଣ ବିନା ପ୍ରତିବଦ୍ଧତା ସର୍ବଦା କ୍ଷୁଦ୍ରାମଣା ଦିଗକୁ କଢ଼ାଇନିଏ ।

## ୩. ପରିଣାମ

**ଯାହା ଆପଣ ସମର୍ପଣ କରିବେ ନାହିଁ, ତାହା ଆପଣଙ୍କୁ ବିନଷ୍ଟ କରିବ ନାହିଁ ।**

**୨ ବଂଶାବଳି ୨୫:୧୭-୨୮**

## କ. ଏପରି ଏକ ଯୁଦ୍ଧ ଯାହା ପାଇଁ ଈଶ୍ୱର ଅଧିକାର ଦେଇ ନ ଥିଲେ ।

ନିଜ ସଫଳତାରେ ଗର୍ବିତ ହୋଇ, ଅମତ୍ସିୟ ଇସ୍ରାଏଲର ରାଜାଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ ଜଣାଇଥିଲେ । ଈଶ୍ୱର ତାଙ୍କ ସହିତ ନ ଥିଲେ ।

ଈଶ୍ୱରଙ୍କ ବିନା ଦୃଢ଼ ବିଶ୍ୱାସ ବିପଜ୍ଜନକ ଅଟେ । ସେ ଭାବିଥିଲେ ସେ ସଫଳତା ଈଶ୍ୱରଙ୍କ ଅନୁମୋଦନର ପ୍ରମାଣ ଅଟେ । ଇସ୍ରାଏଲର ରାଜା ଗୋଟିଏ ଦୃଷ୍ଟାନ୍ତ ଗଳ୍ପ ଦ୍ୱାରା ତାଙ୍କୁ ସତର୍କ କରିଥିଲେ, ମାତ୍ର ଅମତ୍ସିୟ ଏହାକୁ ଅବଜ୍ଞା କରିଥିଲେ । ଯେତେବେଳେ ଜଣେ ବ୍ୟକ୍ତିର ହୃଦୟ ଈଶ୍ୱରଙ୍କ ପ୍ରତି ସମର୍ପିତ ନ ଥାଏ, ସେତେବେଳେ ସେ ପ୍ରତ୍ୟେକଙ୍କର କଥା, ଏପରିକି ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ବ୍ୟକ୍ତିଙ୍କର କଥା ମଧ୍ୟ ଶୁଣିବା ବନ୍ଦ କରିଦିଏ ।

## ଖ. ଜ୍ଞାନପୂର୍ଣ୍ଣ ସତର୍କବାଣୀ ପ୍ରତି ଅବଜ୍ଞା

ଏପରିକି ଶତ୍ରୁ ମଧ୍ୟ ଅମତ୍ସିୟଙ୍କ ଗର୍ବକୁ ଚିହ୍ନିଥିଲା :

"... ଦର୍ପ କରିବା ପାଇଁ ତୁମ୍ଭ ମନ ତୁମ୍ଭକୁ ପ୍ରବୃତ୍ତି ଦେଉଅଛି, ଏବେ ଆପଣା ଘରେ ଥାଅ ..." (୨ ବଂଶାବଳି ୨୫:୧୯) ।

ଯେତେବେଳେ "ଗର୍ବ" ସତ୍ୟ ପ୍ରତି ଆମକୁ ଅନ୍ଧ କରିଦିଏ, ସେତେବେଳେ ଆମେ ସାଧାରଣ ଜ୍ଞାନକୁ ମଧ୍ୟ ଶୁଣିବା ବନ୍ଦ କରିଦେଉ । ସଦାପ୍ରଭୁ ଆମକୁ ଏହି ମୂର୍ଖତାରୁ ରକ୍ଷା କରନ୍ତୁ ।

## ଗ. ଅମତ୍ସିୟଙ୍କର ସଂପୂର୍ଣ୍ଣ ବିନାଶ

କ୍ଷୁଦ୍ରାମଣା ଯୋଗୁ :

ତାଙ୍କର ସୈନ୍ୟବାହିନୀ ପରାସ୍ତ ହୋଇଥିଲା



*ଯିରୂଶାଲମ ପ୍ରାଚୀର ଭଗ୍ନ ହୋଇଥିଲା*

- ଯିରୂଶାଲମ ପ୍ରାଚୀର ଭଗ୍ନ ହୋଇଥିଲା ।
- ମନ୍ଦିର ଲୁଣ୍ଠିତ ହୋଇଥିଲା ।
- ସେ ବନ୍ଦୀ ହୋଇଥିଲେ ।
- ତାଙ୍କର ଜୀବନ ଲଜ୍ଜା ଓ ଷଡ଼ଯନ୍ତ୍ରରେ ସମାପ୍ତ ହୋଇଥିଲା ।

କାହିଁକି ?

କାରଣ ସେ ଯଥାର୍ଥ କାର୍ଯ୍ୟ କରିଥିଲେ - ମାତ୍ର ଏକ ବିଶ୍ୱସ୍ତ ହୃଦୟର ସହିତ ତାହା କରି ନ ଥିଲେ । ସେମାନେ ଧୀରେ ଧୀରେ ଛୋଟ ଛୋଟ କ୍ଷୁଦ୍ରାମଣା ମାଧ୍ୟମରେ ପତିତ ହୁଅନ୍ତି ।

ସମର୍ପଣ ... କ୍ଷୁଦ୍ରାମଣା ... ପରିଣାମ

## ଏକ ଶେଷ ଆହ୍ୱାନ ସଂପୂର୍ଣ୍ଣ ସମର୍ପଣକୁ ମନୋନୀତ କରନ୍ତୁ

ପ୍ରିୟ ବନ୍ଧୁଗଣ, ଈଶ୍ୱର ସିଦ୍ଧତା ଦାବୀ କରନ୍ତି ନାହିଁ - ମାତ୍ର ସେ ସଂପୂର୍ଣ୍ଣ ହୃଦୟର ସମର୍ପଣ ପାଇଁ ଆହ୍ୱାନ କରୁଥାନ୍ତି ।

- ପ୍ରତିବଦ୍ଧତା ଉତ୍ତମ ଅଟେ ।
- ଆଂଶିକ ସମର୍ପଣ ବିପଜ୍ଜନକ ଅଟେ ।
- କ୍ଷୁଦ୍ରାମଣା ବୃଦ୍ଧି ପାଇବ ।
- ଏହାପରେ ପରିଣାମ ଆସିବ ।

ପ୍ରେମ ଓ ଦୟା ଯୋଗୁ, ଈଶ୍ୱର ଆମକୁ ଆହ୍ୱାନ କରୁଛନ୍ତି :

"ଯାହା ତୁମମାନଙ୍କୁ ରକ୍ଷା କରିପାରିବ ନାହିଁ, ତା' ପ୍ରତି କାହିଁକି ଯାଉଅଛ ? ଫେରିଆସ । ସଂପୂର୍ଣ୍ଣ ଭାବରେ ସମର୍ପିତ ହୁଅ ।"

ଆପଣ ଓ ମୁଁ ଯେପରି ସଂପୂର୍ଣ୍ଣ ଭାବରେ ସମର୍ପିତ ଜୀବନ ବଞ୍ଚି ପାରିବୁ, ଏଥିପାଇଁ ଯୀଶୁ କ୍ରୁଶ ଉପରେ ନିଜର ପ୍ରାଣ ଦେଇଥିଲେ ।

"ଫେରି ଆସନ୍ତୁ । ସଂପୂର୍ଣ୍ଣ ଭାବରେ ସମର୍ପିତ ହୁଅନ୍ତୁ ।"

ଈଶ୍ୱରଙ୍କ ନିକଟକୁ ଫେରିଆସନ୍ତୁ । ସେ ଉନ୍ମୁକ୍ତ ବାହୁରେ ଅପେକ୍ଷା କରୁଛନ୍ତି । ଆମେ ସେହି ଖର୍ପିତା ପଥରେ ଚାଲିବା ନାହିଁ ଯାହା ଅମତ୍ସିୟଙ୍କୁ ବିପଥଗାମୀ କରିଥିଲା । ଏହି କାରଣ ପାଇଁ, ଅର୍ଥାତ୍ ଆପଣଙ୍କୁ ଓ ମୋତେ ଉଦ୍ଧାର କରିବା ପାଇଁ ଖ୍ରୀଷ୍ଟ ଜଗତ ମଧ୍ୟକୁ ଆସିଥିଲେ ଓ କାଲଭରୀର କ୍ରୁଶ ଉପରେ ନିଜର ପ୍ରାଣ ଦେଇଥିଲେ ।

### ଆସନ୍ତୁ, ଆମେ ଚିନ୍ତା କରିବା !

ଆମେ କ'ଣ କେତେକ କ୍ଷେତ୍ରରେ ସମର୍ପିତ ହୋଇଛୁ, ଅଥଚ ଅନ୍ୟଗୁଡ଼ିକରେ କ୍ଷୁଦ୍ରାମଣା କରିଛୁ ?

କେଉଁ ଉଚ୍ଚସ୍ଥଳିଗୁଡ଼ିକୁ ଆମେ ବିନଷ୍ଟ କରି ନାହୁଁ - ଦିକ୍ତତା, ଗୁପ୍ତ ଅଭ୍ୟାସ, ନିଶାସକ୍ତି ?

ଆମ ହୃଦୟର କେଉଁ ଭାଗ ଈଶ୍ୱରଙ୍କ ପ୍ରତି ସଂପୂର୍ଣ୍ଣ ଭାବରେ ବିଶ୍ୱସ୍ତ ନୁହେଁ ?

ଆସନ୍ତୁ, ଆମେ ପ୍ରାର୍ଥନା କରିବା ଓ ୨୦୨୬ରେ, ପ୍ରଭୁଙ୍କ ଦୃଷ୍ଟିରେ ଯାହା ଯଥାର୍ଥ, ତାହାକୁ ଏକ ବିଶ୍ୱସ୍ତ ହୃଦୟର ସହିତ ସଂପୂର୍ଣ୍ଣ କରିବା ପାଇଁ ଚେଷ୍ଟା କରିବା ।

**ବିଜ୍ଞାପନ**

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ (୯୧-୯୮୪୧୦୭୧୮୫୮), (୯୧-୯୮୪୧୨୭୧୮୫୮) (ମୁଖ୍ୟ ନମ୍ବର) - ସଂରକ୍ଷିତ ରଖନ୍ତୁ ।

ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## OUR BANK DETAILS:

### *1. Bank : State Bank of India*

| | |
|---|---|
| Branch | : **Triplicane, Chennai-5** |
| Name | : **S. Sam Selva Raj** |
| A/C No. | : **1023 2934 679** |
| IFSC | : **SBIN 00 00 249** |
| SWIFT CODE | : **SBI NIN BB 455** |

### *2. Bank : ICICI Bank*

| | |
|---|---|
| Branch | : **Anna Salai, Chennai-6** |
| Name | : **Echo of His Call** |
| A/C No. | : **6038 0502 2319** |
| IFSC | : **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | |
|---|---|
| Branch | : **Triplicane, Chennai-5** |
| Name | : **Echo of His Call Educational Trust** |
| A/C No. | : **1023 2923 805** |
| IFSC | : **SBIN 00 00 249** |

## OUR QR CODE:

ECHO OF HIS CALL

Scan to pay with any UPI app

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ପ୍ରୋତ୍ସାହନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ / ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

## ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th FEBRUARY 2026.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**